# NATIONAL NEWS BULLETIN (ODIA)
## 30 June - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ  କରିବେ ଭାବ ବିନିମୟ ।
- ଆଇସିସି ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲରେ ଭାରତର ଦମ୍‌ଦାର ବିଜୟ ।

\- ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

\- ଟି-ଟ୍ୱେଣ୍ଟି ଫର୍ମାଟରୁ ଅବସର ନେଲେ ବିରାଟ କୋହଲି ଓ ରୋହିତ ଶର୍ମା ।

- ଆସନ୍ତାକାଲିଠାରୁ ଲାଗୁ ହେବାକୁ ଥିବା ନୂଆ ଅପରାଧିକ ଆଇନ୍ ନେଇ ମୁମ୍ବାଇରେ ଆୟୋଜିତ ହେବ ସମ୍ମିଳନୀ ।

ଏବଂ

- ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଅରବିନ୍ଦ କେଜରିୱାଲଙ୍କୁ ଜୁଲାଇ ୧୨ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହେପାଜତକୁ ପଠାଇଲେ କୋର୍ଟ ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ ।

## ଟି-ଟ୍ୱେଣ୍ଟି ଫାଇନାଲ

ଭାରତ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୪ ବିଜେତା ହୋଇଛି । ୧୭ବର୍ଷ ପରେ ଭାରତ ଦ୍ୱିତୀୟ ଥର ଲାଗି ଟି-ଟ୍ୱେଣ୍ଟି ବିଶ୍ୱକପ୍

ହାସଲ କରିଛି । ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଗତକାଲି ବାର୍‌ବାଡୋସ୍‌ର କିଙ୍ଗ୍‌ଷ୍ଟନ ଓଭାଲଠାରେ ଅନୁଷ୍ଠିତ ରୋମାଞ୍ଚପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ପରାସ୍ତ କରି ଏହି ବିଜୟ ହାସଲ କରିଛି ।

ପ୍ରଥମେ ଟସ୍ ଜିତି ଭାରତ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବିରାଟ କୋହଲିଙ୍କ ଅଣଷଠୀଟି ବଲ୍‌ରେ ୭୬ରନ୍ ଏବଂ ଅକ୍ଷର ପଟେଲଙ୍କ ୩୧ଟି ବଲ୍‌ରେ ୪୭ରନ୍ ସ୍କୋର ସହ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୭୬ରନ୍ ସଂଗ୍ରହ କରିଥିଲା । ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଫାଇନାଲରେ ଏହା ସର୍ବାଧିକ ସ୍କୋର ଅଟେ । ଦକ୍ଷିଣ ଆଫ୍ରିକାର ଏନ୍‌ରିକ୍ ନୋର୍ଜେ ଏବଂ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

୧୭୭ରନ୍‌ର ପିଛା କରି ହେନରିକ କ୍ଲାସେନଙ୍କ ୫୨ରନ୍ ସହାୟତାରେ ଦକ୍ଷିଣ ଆଫ୍ରିକା ୮ ୱିକେଟ୍‌ରେ ଶହେ ଅଣସ୍ତରୀ ରନ୍ କରିବାକୁ ସକ୍ଷମ ହୋଇଥିଲା । ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ୱିକେଟ୍ କରିଥିବାବେଳେ ଅର୍ସଦୀପ ସିଂ ଏବଂ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ । ବିରାଟ କୋହଲିଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଏବଂ ୮ଟି ମ୍ୟାଚ୍‌ରେ ୧୫ଟି ୱିକେଟ୍

ହାସଲ କରିଥିବା ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ସମ୍ମାନିତ କରାଯାଇଥିଲା ।

ଗତକାଲି ଫାଇନାଲ ମ୍ୟାଚ୍‌ରେ ପୁରସ୍କାର ହାସଲ କରି ଭାରତର ବରିଷ୍ଠ ଖେଳାଳି ବିରାଟ କୋହଲି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ନେଇଛନ୍ତି । ମ୍ୟାଚ୍ ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ରୋହିତ ଶର୍ମା ମଧ୍ୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ଅବସର ନେବା ବିଷୟ ଘୋଷଣା କରିଛନ୍ତି । ରୋହିତ ଶର୍ମା କହିଛନ୍ତି ଏବେ ଏହି ଫର୍ମାଟରୁ ଅବସର ନେବା ପ୍ରକୃଷ୍ଟ ସମୟ । ତେବେ ସେ ଏକଦିବସୀୟ ଏବଂ ଟେଷ୍ଟ ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି କହିଛନ୍ତି ।

ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଟି-ଟ୍ୱେଣ୍ଟି ବିଶ୍ୱକପ୍ ହାସଲ କରିଥିବାରୁ ଭାରତୀୟ କ୍ରିକେଟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଟିମ୍ ଇଣ୍ଡିଆ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିବା ସହ ଅସାଧାରଣ ବିଜୟଲାଭ କରିଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଏହି ବିଜୟ ଭାରତୀୟ ଟିମ୍‌ର ସମର୍ପଣ ଏବଂ ପରିଶ୍ରମର ଫଳ ବୋଲି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଏହା ଏକ ଐତିହାସିକ ମ୍ୟାଚ୍ ଥିଲା ।

# ଏୟାରପୋର୍ଟ-ଦିଲ୍ଲୀ

ଦିଲ୍ଲୀର ଇନ୍ଦିରାଗାନ୍ଧୀ ବିମାନ ବନ୍ଦରର ଏକନମ୍ବର ଟର୍ମିନାଲରୁ ହେଉଥିବା ସମସ୍ତ ଉଡାଣକୁ ୨ନମ୍ବର ଏବଂ ୩ ନମ୍ବର ଟର୍ମିନାଲକୁ ସ୍ଥାନାନ୍ତର କରାଯାଇଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ କହିଛି ଗତକାଲିଠାରୁ ଏକନମ୍ବର ଟର୍ମିନାଲର ସମସ୍ତ କାର୍ଯ୍ୟ ୨ ଏବଂ ୩ ନମ୍ବର ଟର୍ମିନାଲରେ ପରିଚାଳନା କରାଯାଉଛି ।

# ମୁମ୍ବାଇ-ସମ୍ମିଳନୀ

ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଆଜି ମୁମ୍ବାଇରେ ଏକ ସମ୍ମିଳନୀ ଆୟୋଜିତ ହେଉଛି । ଏହାର ଶୀର୍ଷକ ରହିଛି 'ଅପରାଧିକ ନ୍ୟାୟ ପ୍ରଣାଳୀରେ ପ୍ରଶାସନରେ ଭାରତର ପ୍ରଗତି' । ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ନୂତନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ବିଷୟରେ ଲୋକମାନଙ୍କୁ ସଚେତନ କରିବା । ମହାରାଷ୍ଟ୍ର ରାଜ୍ୟପାଳ ରମେଶ ବେଶ୍, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏବଂ ବମ୍ବେ,

ଗୁଜୁରାଟ, ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିମାନେ ଏହି ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଜୟଶଙ୍କର-କତାର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଜି ଦିନିକିଆ ସରକାରୀ ଗସ୍ତରେ କତାର ଯିବେ । ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଗସ୍ତ କାଳରେ ଡକ୍ଟର ଜୟଶଙ୍କର କତାରର ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ ସେଖ୍ ମହମ୍ମଦ ବିନ୍ ଅବଦୁଲ ରେହମାନ ବିନ୍ ଜସୀମ ଅଲ୍ ସାନିଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ଦୁଇଦେଶ ମଧ୍ୟରେ ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ସୁରକ୍ଷା, ସାଂସ୍କୃତିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା ହେବ ବୋଲି ଜଣାପଡିଛି । ମନ୍ତ୍ରଣାଳୟ କହିଛି ଭାରତ ଏବଂ କତାର ମଧ୍ୟରେ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି । ଚଳିତବର୍ଷ ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କତାର ଗସ୍ତ କରିଥିଲେ ଏବଂ ସେଠାକାର ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ସ୍ୱାର୍ଥ ସମ୍ବଳିତ ପ୍ରଶ୍ନ ଉପରେ ଆଲୋଚନା କରିଥିଲେ ।

## ସିବିଆଇ-ପାସ୍‌ପୋର୍ଟ

କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ ସିବିଆଇ ମୁମ୍ବାଇର ଲୋୟର ପରେଲ ଏବଂ ମଲାଡ ଅଞ୍ଚଳରେ ଥିବା ପାସ୍‌ପୋର୍ଟ ସେବା କେନ୍ଦ୍ରରେ କାର୍ଯ୍ୟରତ ସହାୟତ ଏବଂ ବରିଷ୍ଠ ସହାୟକଙ୍କ ସମେତ ୧୪ଅଧିକାରୀଙ୍କ ବିରୋଧରେ ୧୨ଟି ମାମଲା ରୁଜୁ କରିଛି । ଏହାଛଡା ସିବିଆଇ ପକ୍ଷରୁ ୧୮ଜଣ ପାସ୍‌ପୋର୍ଟ ସୁବିଧା ଏଜେଣ୍ଟ ଓ ଦଲାଲମାନଙ୍କ ବିରୋଧରେ ଏତଲା ଦାୟର କରାଯାଇଛି । ସୂଚନା ଅନୁଯାୟୀ ପାସ୍‌ପୋର୍ଟ ଅଧିକାରୀ, ଏଜେଣ୍ଟ ଏବଂ ଦଲାଲମାନେ ବେନିୟମ କାର୍ଯ୍ୟ କରୁଥିଲେ । ଲୋକମାନଙ୍କର ବ୍ୟକ୍ତିଗତ ବିବରଣୀରେ ପରିବର୍ତ୍ତନ କରି ସେମାନଙ୍କଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଥିଲା ।

## ଶ୍ରମ ସମୀକ୍ଷା

କେନ୍ଦ୍ର ସରକାର ଏକ ବ୍ୟାପକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଏଥିରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା ଅନ୍ତର୍ଗତ ବିଡି କର୍ମଚାରୀ, ଅଣ କୋଇଲା ଖଣି ଏବଂ ସିନେମା କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମୂଲ୍ୟାଙ୍କନ ହୋଇପାରିବ । ଗତକାଲି ନୂଆଦିଲ୍ଲୀରେ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟର ସଚିବ ସୁମିତା ଡାବ୍‌ରା ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଏହା କହିଛନ୍ତି । ବିଡି, ସିନେମା ଏବଂ ଅଣକୋଇଲା ଖଣି କ୍ଷେତ୍ରରେ କାର୍ଯ୍ୟ କରୁଥିବା

ଶ୍ରମିକମାନଙ୍କ ପାଇଁ ଶ୍ରମକଲ୍ୟାଣ ଯୋଜନାରେ କେଉଁଭଳି ଲକ୍ଷ୍ୟ ହାସଲ ହୋଇଛି ସେ ସମ୍ପର୍କରେ ସମୀକ୍ଷା ବୈଠକରେ ଆଲୋଚନା କରାଯାଇଥିଲା । ବିଶେଷଭାବେ ଏହିସବୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଦିଆଯାଉଥିବା ବିଭିନ୍ନ ଲାଭ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା । ଶ୍ରମ ସଚିବ ଶ୍ରମକଲ୍ୟାଣ ଯୋଜନାରେ ହୋଇଥିବା ଅଗ୍ରଗତିକୁ ପ୍ରଶଂସା କରିଥିଲେ । ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରମକଲ୍ୟାଣ ମହା ନିର୍ଦ୍ଦେଶାଳୟର ପ୍ରଶାସନିକ ନିୟନ୍ତ୍ରଣରେ ୧୮ଟି ଶ୍ରମକଲ୍ୟାଣ ସଂଗଠନ ଜରିଆରେ ବିଭିନ୍ନ ଯୋଜନା କାର୍ଯ୍ୟକାରୁ ହୋଇଛି । ସଚିବ ସୁନିତା ଡାବ୍ରା ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଅଧିକ ଯୋଜନାର ଆବଶ୍ୟକତା ଉପରେ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ୧୦ଟି ହସ୍ପିଟାଲ ଏବଂ ଦୁଇଶହ ଅଣାଅଶିଟି ସ୍ୱାସ୍ଥ୍ୟକେନ୍ଦ୍ର ଜରିଆରେ ଶ୍ରମିକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ଉପଲବ୍ଧ କରାଯାଉଛି ।

## ଫିଲିପାଇନ୍ସ ବିସ୍ଫୋରଣ

ଫିଲିପାଇନ୍ସର ଜାମ୍ବୋଆଙ୍ଗା ସହରର ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟି ୫ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ୨୧ରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଜାମ୍ବୋଆଙ୍ଗାର ମେୟର କହିଛନ୍ତି ୨୧ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ବିସ୍ଫୋରଣରେ ବାଣଗୋଦାମ ନିକଟରେ ଥିବା

ଆବାସିକ ଗୃହ ଏବଂ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନର ମଧ୍ୟ କ୍ଷତି ଘଟିଛି । ସୂଚନା ଅନୁଯାୟୀ ଆହତଙ୍କ ମଧ୍ୟରେ ଅଧିକ ଲୋକ ସେହି ବାଣ ଗୋଦାମର କର୍ମଚାରୀ । ତେବେ ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡି ନାହିଁ ।

# ଜିମ୍ବାୱେ ଦୁର୍ଘଟଣା

ଜିମ୍ବାୱେରେ ଏକ ଟ୍ରକ୍ ଓଲଟି ପଡ଼ିବା ଫଳରେ ୫ଜଣଙ୍କ ମୃତ୍ୟୁ ହେବା ସହ ୨୬ଜଣ ଆହତ ହୋଇଛନ୍ତି । ସେଠାକାର ଅଧିକାରୀ କହିଛନ୍ତି କାରୋଇ ସହରରେ ୩୮ଜଣ ଲୋକଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ରାସ୍ତା ଉପରେ ଓଲଟି ପଡିଥିଲା । ଡ୍ରାଇଭରର ବେପରୁଆ ଗାଡ଼ିଚାଳନା ଯୋଗୁଁ ଏହି ଘଟଣା ଘଟିଥିବା ପୋଲିସ ଅଧିକାରୀ କହିଛନ୍ତି । ଦୁର୍ଘଟଣା ପରେ ଡ୍ରାଇଭର ଜଣକ ଫେରାର ହୋଇଯାଇଥିବା ଜଣାପଡିଛି । ଏହି ଦୁର୍ଘଟଣାରେ କିଛି ଲୋକ ଟ୍ରକ ତଳେ ଚାପି ହୋଇ ରହିଥିବା ଅନୁମାନ କରାଯାଉଛି ।

# ଏସିଆଡ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍

ବ୍ୟାଡମିଣ୍ଟନ ଏସିଆଡ୍ ଜୁନିୟର ଚମ୍ପିଆନ୍‌ସିପ୍‌ର ଗ୍ରୁପ୍-ସିର ଦ୍ୱିତୀୟ ମୁକାବିଲାରେ ଭାରତ ୩-୨ ସେଟ୍‌ରେ ଫିଲିପାଇନ୍ସକୁ ପରାସ୍ତ କରିଛି । ଏହି ବିଜୟ ହାସଲ ସହ ଭାରତ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି । ଆଜି ଗ୍ରୁପ୍ ବିଜେତା ଚୟନ ପର୍ଯ୍ୟାୟରେ ଭାରତ-

ଇଣ୍ଡୋନେସିଆ ମଧ୍ୟରେ ମୁକାବିଲା ହେବ । ପୂର୍ବରୁ ଭାରତ ଗ୍ରୁପ୍-ସିର ପ୍ରଥମ ମ୍ୟାଚ୍‌ରେ ଭିଏତନାମ୍‌କୁ ୫-୦ ସେଟ୍‌ରେ ପରାସ୍ତ କରିଥିଲା । ଇଣ୍ଡୋନେସିଆ ମଧ୍ୟ ଅନ୍ୟଏକ ଗ୍ରୁପ୍ ମ୍ୟାଚ୍‌ରେ ଫିଲିପାଇନ୍ସକୁ ୫-୦ ଏବଂ ଭିଏତ୍‌ନାମକୁ ୪-୧ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇସାରିଛି ।

## କେଜରିଓ୍ୱାଲ୍

ଦିଲ୍ଲୀ ଅବକାରୀ ନୀତି ମାମଲାରେ ସି.ବି.ଆଇ. ଦ୍ୱାରା ଗିରଫ୍ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ୍‌ଙ୍କୁ ଦିଲ୍ଲୀର ଏକ ଅଦାଲତ ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ବିଚାରବିଭାଗୀୟ ହେପାଜତକୁ ପଠାଇ ଦେଇଛନ୍ତି । ସି.ବି.ଆଇ. ହେପାଜତରେ ତିନିଦିନ ରହିବା ପରେ ସି.ବି.ଆଇ.ର ଆବେଦନକୁ ଗ୍ରହଣ କରି ଶ୍ରୀ କେଜରିଓ୍ୱାଲଙ୍କୁ ଅଦାଲତ ୧୪ ଦିନିଆ ବିଚାରବିଭାଗୀୟ ହେପାଜତକୁ ପଠାଇଦେଇଛନ୍ତି । ମୁଖ୍ୟମନ୍ତ୍ରୀ କେଜରିଓ୍ୱାଲଙ୍କ ଓକିଲ କହିଛନ୍ତି, ବିଚାର ବିଭାଗୀୟ ହେପାଜତ ଦାବି ବିରୁଦ୍ଧରେ ସେମାନେ ଆବେଦନ କରିଛନ୍ତି ।